Candidate must not write on this margin.

# CSM—58/24

## PART—II/PAPER—VI

## PSYCHOLOGY

## ମନୋବିଜ୍ଞାନ

## PAPER—I

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The question paper contains* **18 (Eighteen)** *questions in* **GROUP—A, (12)** *and* **GROUP—B, (06)** *together.*

ପ୍ରତ୍ୟେକ ପ୍ରଶ୍ନପତ୍ରରେ **GROUP—A, (12)** ଏବଂ **GROUP—B, (06)**କୁ ମିଶାଇ **18**ଟି ପ୍ରଶ୍ନ ରହିଛି।

### GROUP—A

### ଗ୍ରୁପ୍—A

*Candidates to attempt* **10 (ten)** *questions within word limit of* **250**.

*Each question carries* **15** *marks.*

ପରୀକ୍ଷାର୍ଥୀମାନେ **୧୦**ଟି ପ୍ରଶ୍ନ **୨୫୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୧୫** ମାର୍କ।

**1.** From which perspective is Psychology a Science? How does it touch the realm of natural sciences? Explain with examples from Psychology.

କେଉଁ ଦୃଷ୍ଟିକୋଣରୁ ମନସ୍ତତ୍ତ୍ୱ ଏକ ବିଜ୍ଞାନ? ଏହା ପ୍ରାକୃତିକ ବିଜ୍ଞାନର କ୍ଷେତ୍ରକୁ କିପରି ସ୍ପର୍ଶ କରେ? ମନସ୍ତତ୍ତ୍ୱରୁ ଉଦାହରଣ ଦେଇ ବୁଝାଅ।

Candidate must not write on this margin.

2. How is Introspection a method of Psychology? What is the contribution of Introspection to the objective understanding of human behavior? Explain its purpose as a method in the historical context.

   ଆତ୍ମନିରୀକ୍ଷଣ କିପରି ମନସ୍ତତ୍ତ୍ୱର ଏକ ପଦ୍ଧତି? ମାନବ ଆଚରଣର ବସ୍ତୁନିଷ୍ଠ ବୋଧଗମ୍ୟତାରେ ଆତ୍ମନିରୀକ୍ଷଣର ଅବଦାନ କ'ଣ? ଐତିହାସିକ ପରିପ୍ରେକ୍ଷୀରେ ଏକ ପଦ୍ଧତି ହିସାବରେ ଏହାର ଉଦ୍ଦେଶ୍ୟ ବ୍ୟାଖ୍ୟା କର ।

3. Is Psychological research totally objective? If not, then which factors need to be taken into consideration while making a research design? Explain with examples.

   ମନସ୍ତାତ୍ତ୍ୱିକ ଗବେଷଣା କ'ଣ ସମ୍ପୂର୍ଣ୍ଣ ବସ୍ତୁନିଷ୍ଠ? ଯଦି ନୁହେଁ, ତେବେ ଏକ ଗବେଷଣା ନକ୍ସା ପ୍ରସ୍ତୁତ କରିବା ସମୟରେ କେଉଁ କାରଣଗୁଡ଼ିକୁ ବିଚାରକୁ ନେବା ଆବଶ୍ୟକ? ଉଦାହରଣ ସହ ବୁଝାଅ ।

4. Define child rearing. Do you think that child rearing practices have changed with the advent of technology? If yes, explain how.

   ଶିଶୁର ଲାଳନପାଳନକୁ ପରିଭାଷିତ କର । ତୁମେ କ'ଣ ଭାବ ଯେ, ପ୍ରଯୁକ୍ତିବିଦ୍ୟାର ଆଗମନ ସହିତ ଶିଶୁ ଲାଳନପାଳନ ପଦ୍ଧତି ପରିବର୍ତ୍ତନ ହୋଇଛି? ଯଦି ହଁ, ତେବେ ଆଲୋଚନା କର ।

5. How does a stimulus determine how it is perceived? Is perception reliable or is it a mix of perceptual readiness and stimulus characteristics? Are there any other factors which influence the objectivity in perception?

   ତାକୁ କିପରି ଅନୁଭବ କରାଯାଏ ତାହା ଉତ୍ସାହ (stimulus) କିପରି ନିର୍ଣ୍ଣୟ କରେ? ଅନୁଭବ କ'ଣ ନିର୍ଭର ଯୋଗ୍ୟ କିମ୍ବା ଏହା କ'ଣ ଏକ ଅନୁଭବ ପ୍ରସ୍ତୁତିର ମିଶ୍ରଣ ଏବଂ ଏହା କ'ଣ ଉତ୍ସାହର ବୈଶିଷ୍ଟ୍ୟ ବହନ କରେ? ଅନୁଭବରେ ବସ୍ତୁନିଷ୍ଠତାକୁ ପ୍ରଭାବିତ କରୁଥିବା ଅନ୍ୟ କୌଣସି କାରଣ ଅଛି କି?

6. How does learning change with schedules of reinforcement? Are there any individual circumstances that the respective schedules can be used for modifying learning outputs? Explain with examples.

   ପୁନଃକାର୍ଯ୍ୟକାରିତା ସୂଚୀ ସହିତ ଶିକ୍ଷଣ କିପରି ପରିବର୍ତ୍ତନ ହୁଏ? ଏପରି କୌଣସି ବ୍ୟକ୍ତିଗତ ପରିସ୍ଥିତି ଅଛି କି ଯେଉଁଠାରେ ଶିକ୍ଷଣ ଫଳାଫଳକୁ ପରିବର୍ତ୍ତନ କରିବା ପାଇଁ ସମ୍ପୃକ୍ତ ସୂଚୀ ବ୍ୟବହାର କରାଯାଇପାରିବ? ଉଦାହରଣ ସହ ବ୍ୟାଖ୍ୟା କର ।

**7.** Can one control the factors affecting forgetting and retention? How is retention connected to forgetting? Is it possible to increase retention and thus ensure decrease forgetting or are there any other factors which need to be controlled? Explain with examples.

ଭୁଲିଯିବା ଏବଂ ମନେରଖିବାକୁ ପ୍ରଭାବିତ କରୁଥିବା କାରଣଗୁଡ଼ିକୁ ନିୟନ୍ତ୍ରଣ କରାଯାଇ ପାରିବ କି? ମନେ ରଖିବା ଭୁଲିଯିବା ସହିତ କିପରି ଜଡ଼ିତ? ମନେ ରଖିବା ବୃଦ୍ଧି କରି ଭୁଲିବା ହ୍ରାସ କରିବା ସମ୍ଭବ କି, ନା ଅନ୍ୟ କୌଣସି କାରକ ଅଛି ଯାହାକୁ ନିୟନ୍ତ୍ରଣ କରିବା ଆବଶ୍ୟକ? ଉଦାହରଣ ସହ ବୁଝାଅ ।

**8.** Is the origin of creativity dependent upon the presence of a problem? Give an example. How would one know whether to be creative and when to follow a set protocol for solving a problem? Give examples.

ସୃଜନଶୀଳତାର ଉତ୍ପତ୍ତି କ'ଣ ସମସ୍ୟାର ଉପସ୍ଥିତି ଉପରେ ନିର୍ଭର କରେ? ଏକ ଉଦାହରଣ ଦିଅ । ଜଣେ କିପରି ଜାଣିବ ଯେ କେତେବେଳେ ସୃଜନଶୀଳ ଉଚିତ ଓ କେତେବେଳେ ସମସ୍ୟାର ସମାଧାନ ପାଇଁ ଏକ ନିର୍ଦ୍ଦିଷ୍ଟ ନିୟମ ଅନୁସରଣ କରିବ? ଉଦାହରଣ ଦେଇ ବୁଝାଅ ।

**9.** How do intelligence and aptitude differ from each other? Can a person with a given aptitude work without using intelligence and vice versa? Explain with examples.

ବୁଦ୍ଧିମତା ଏବଂ ଦକ୍ଷତା (aptitude) ପରସ୍ପରଠାରୁ କିପରି ଭିନ୍ନ? ଏକ ନିର୍ଦ୍ଦିଷ୍ଟ ଦକ୍ଷତା ଥିବା ବ୍ୟକ୍ତି କ'ଣ ବୁଦ୍ଧିମତା ବ୍ୟବହାର ନ କରି କିମ୍ବା ଏକ ନିର୍ଦ୍ଦିଷ୍ଟ ବୁଦ୍ଧିମତା ସମ୍ପନ୍ନ ବ୍ୟକ୍ତି କ'ଣ ଦକ୍ଷତା ବ୍ୟବହାର ନ କରି କାମ କରିପାରିବେ? ଉଦାହରଣ ସହ ବ୍ୟାଖ୍ୟା କର ।

**10.** How does motivation affect emotions? What is the effect of emotions on behavior? Give examples.

ପ୍ରେରଣା କିପରି ଭାବନାକୁ ପ୍ରଭାବିତ କରେ? ଆଚରଣ ଉପରେ ଭାବନାର ପ୍ରଭାବ କ'ଣ? ଉଦାହରଣ ଦେଇ ବୁଝାଅ ।

**11.** Can personality be used as a way to know people and understand their interactions with others? How does one modify systems of work in this context? Give examples.

ଲୋକଙ୍କୁ ଜାଣିବା ଏବଂ ଅନ୍ୟମାନଙ୍କ ପ୍ରତି ସେମାନଙ୍କର ଭାବର ଆଦାନପ୍ରଦାନ ଜାଣିବା ପାଇଁ ସେମାନଙ୍କ ବ୍ୟକ୍ତିତ୍ୱକୁ ତର୍ଜମା କରାଯାଇପାରିବ କି? ଏହି ପରିପ୍ରେକ୍ଷୀରେ ଜଣେ କିପରି ନିଜର କାର୍ଯ୍ୟ ପ୍ରଣାଳୀକୁ ପରିବର୍ତ୍ତନ କରିବ? ଉଦାହରଣ ସହ ବୁଝାଅ ।

**Candidate must not write on this margin.**

12. Are attitudes fixed or dynamic in nature? Can they be reliably measured? How? Explain with examples.

ମନୋଭାବ କ'ଣ ସ୍ଥିର ନା ଗତିଶୀଳ? ତାହା କ'ଣ ବିଶ୍ୱସନୀୟ ଭାବରେ ମପା ଯାଇପାରିବ? ଉଦାହରଣ ସହ ବ୍ୟାଖ୍ୟା କର ।

Candidate must not write on this margin.

## GROUP—B

## ଗ୍ରୁପ୍—B

*Candidates to attempt* **05 *(five)*** *questions within word limit of* **300**.

*Each question carries* **20** *marks.*

ପରୀକ୍ଷାର୍ଥୀମାନେ **୦୫**ଟି ପ୍ରଶ୍ନ **୩୦୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ ।

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୨୦** ମାର୍କ ।

13. Are the results of a research influenced by any steps? Is it desirable? Explain with examples.

ଗବେଷଣାର ଫଳାଫଳ କୌଣସି ପଦକ୍ଷେପ ଦ୍ୱାରା ପ୍ରଭାବିତ ହୁଏ କି? ଏହା କ'ଣ ଅଭିଳାଷିତ? ଉଦାହରଣ ସହ ବୁଝାଅ ।

14. Does human behavior develop as a person grows? Is behavior linked with age? Give examples from any theory.

ବୟସ ବୃଦ୍ଧି ସହିତ ମାନବ ଆଚରଣ ବିକଶିତ ହୁଏ କି? ଆଚରଣ ବୟସ ସହିତ ଜଡ଼ିତ କି? ଯେକୌଣସି ତତ୍ତ୍ୱରୁ ଉଦାହରଣ ଦିଅ ।

15. When memories decay, what decays and what does not decay? Explain. Can the memories be revived? If yes, then how? Explain with example.

ସ୍ମୃତି କ୍ଷୟ ହେବା ସହିତ କ'ଣ କ୍ଷୟ ହୋଇଯାଏ ଓ କ'ଣ କ୍ଷୟ ହୁଏ ନାହିଁ? ବୁଝାଅ । ସ୍ମୃତିକୁ ପୁନର୍ଜୀବିତ କରାଯାଇପାରିବ କି? ଯଦି ହଁ, ତେବେ କିପରି? ଉଦାହରଣ ସହ ବୁଝାଅ ।

16. Discuss Chomsky's theory of language development. How does it help in understanding the language development better or worse than the Skinnerian theory? Explain with example.

ଚମସ୍କିଙ୍କ ଭାଷା ବିକାଶ ତତ୍ତ୍ୱ ବିଷୟରେ ଆଲୋଚନା କର । ଏହା ଭାଷା ବିକାଶକୁ ସ୍କିନେରିଆନ୍ ତତ୍ତ୍ୱ ଅପେକ୍ଷା ଭଲ କିମ୍ବା ଖରାପ ଭାବେ ବୁଝିବାରେ କିପରି ସାହାଯ୍ୟ କରେ? ଉଦାହରଣ ସହ ବୁଝାଅ ।

**17.** Envision the use of Artificial Intelligence in Psychological testing. Discuss with examples.

ମନସ୍ତାତ୍ତ୍ୱିକ ପରୀକ୍ଷଣରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ପରିକଳ୍ପନା କର । ଏହାକୁ ଉଦାହରଣ ସହ ଆଲୋଚନା କର ।

**18.** How can one form attitudes? Discuss the techniques for maintaining the same, with examples.

ଜଣେ କିପରି ମନୋଭାବ ଗଠନ କରିପାରିବ? ମନୋଭାବକୁ ବଜାୟ ରଖୁଥିବା କୌଶଳ ବିଷୟରେ ଉଦାହରଣ ଦେଇ ଆଲୋଚନା କର ।

★★★

**Candidate must not write on this margin.**

SPACE FOR ROUGH WORK

Candidate must not write on this margin

## SPACE FOR ROUGH WORK

Candidate must not write on this margin.

## SPACE FOR ROUGH WORK

Candidate must not write on this margin.